The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 03 | Sept - Nov, 2025 | ISSN: 3048-9660 (Online) | www.thebrahmi.com

# ଏକବିଂଶ ଶତାବ୍ଦୀର ଓଡ଼ିଆ ବ୍ୟଙ୍ଗ କ୍ଷୁଦ୍ରଗଳ୍ପ

**ଡ. ରୁଦ୍ରନାରାୟଣ ସାହୁ**
ସହକାରୀ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ

**ସାର ସଂକ୍ଷେପ -**

ହିତେନ ସଃ ମହିତମ୍ ତସ୍ୟ ଭାବ ସାହିତ୍ୟ - ଅର୍ଥାତ୍ ଯାହା ସମାଜର ମଙ୍ଗଳ ସାଧନା କରେ ତାହା ହେଲା ସାହିତ୍ୟ । ସାହିତ୍ୟକୁ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ । ଯଥା - ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟ । ତନ୍ମଧ୍ୟରେ ଉଭୟ ମଧ୍ୟରେ ସାଟାୟାର ବା ବ୍ୟଙ୍ଗର ରହିଛି ବଳିଷ୍ଠ ଭୂମିକା । ସମାଜରେ ସୁଧାର ଆଣିବାରେ ଲେଖକ ସର୍ବଦା ବ୍ୟଙ୍ଗର ସାହାଯ୍ୟ ଲୋଡ଼ିଛି , ଆଉ ସେଥିରେ ସଫଳ ମଧ୍ୟ ହୋଇଛି । ବ୍ୟଙ୍ଗର ପ୍ରୟୋଗ ସାହିତ୍ୟରେ ବହୁପୂର୍ବରୁ ରହିଆସିଛି । କିନ୍ତୁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ସ୍ୱାଧୀନୋତ୍ତର ଓଡ଼ିଆ ବ୍ୟଙ୍ଗ ଗଳ୍ପ ସାହିତ୍ୟରେ ବ୍ୟଙ୍ଗର ଅପ୍ରତିହତ ପ୍ରଭାବ ରହିଛି । ଯଦିଓ ବ୍ୟଙ୍ଗ ଲେଖକମାନଙ୍କର ସଂଖ୍ୟା ବହୁ ସ୍ୱଳ୍ପ ; ତଥାପି ଯେଉଁମାନେ ଏଥିରେ ଲେଖନୀ ଚାଳନା କରିଛନ୍ତି ସେମାନେ ଯଥେଷ୍ଟ ପ୍ରସିଦ୍ଧି ଅର୍ଜନ କରିଛନ୍ତି ,ଏଥିରେ ତିଳେହେଲେ ସନ୍ଦେହ ନାହିଁ । ଫକୀରମୋହନ, ଗୋଦାବରୀଶ , ଫତୁରାନନ୍ଦ , ଚୌଧୁରୀ ହେମକାନ୍ତ , ମହାପାତ୍ର ନୀଳମଣି ସାହୁଙ୍କ ବାଟ ଦେଇ ଓଡ଼ିଆ ବ୍ୟଙ୍ଗ ଗଳ୍ପ ସାହିତ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସଫଳତାର ସହିତ ଗତିଶୀଳ ହୋଇପାରିଛି , ଏହା କମ୍ ଗୌରବର କଥା ନୁହେଁ । ଏକବିଂଶ ଶତାବ୍ଦୀର ସାମାଜିକ ବ୍ୟବସ୍ଥାରେ ଆସିଛି ଘୋର ପରିବର୍ତ୍ତନ । କଳୁଷିତ ରାଜନୀତି , ଅପସଂସ୍କୃତି, ଅପସଂସ୍କାର, ଅମାନୁଷ ପ୍ରବୃତ୍ତି , ଅମାନବିକତା ବିରୋଧରେ ଆଜିର ବ୍ୟଙ୍ଗ ଗାଳ୍ପିକ ମାନେ ସ୍ୱର ଉତ୍ତୋଳନ କରିଛନ୍ତି । ସେସବୁ ସମସ୍ୟାର ମୂଳୋତ୍ପାଟନ ପାଇଁ ସେମାନଙ୍କର ପ୍ରମୁଖ ଅସ୍ତ୍ର ହେଉଛି ବ୍ୟଙ୍ଗ ।

**ମୂଳ ଶବ୍ଦ -** ବ୍ୟଙ୍ଗ ଗଳ୍ପ , ବ୍ୟଙ୍ଗାତ୍ମକ ସାହିତ୍ୟ ,ହାସ୍ୟ ରସ , ବ୍ୟଙ୍ଗୋକ୍ତି

ହସିବା ହେଉଛି ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି। ଆଦିମ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ମଣିଷ ହସି ଚାଲିଛି ନିରନ୍ତର । ହସି ହସି ଆଗକୁ ବଢିବା ଓ ଅନ୍ୟକୁ ହସାଇବାରେ ମନୁଷ୍ୟର ଭୂମିକାକୁ କଦାପି ଅସ୍ୱୀକାର କରାଯାଇପାରିବ ନାହିଁ । ବ୍ୟକ୍ତିଗତ ଜୀବନ ପରି ସାରସ୍ୱତ ସାହିତ୍ୟ ସାଧନାରେ ମଧ୍ୟ ହାସ୍ୟରସର ପ୍ରଭାବ ରହିଛି ଅପ୍ରତିହତ, ଏହା ଯେ କେହି ଅନୁଭବ କରିପାରିବ ନିଜର ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ବଳରେ । କେବଳ ଆତ୍ମସନ୍ତୋଷ ଲାଭ କଲେ ଯେ ହସର ଉଦ୍ରେକ ହୁଏ ତାହାନୁହେଁ, ବିଭିନ୍ନ କାରଣବଶତଃ ହସର ଉଦ୍ରେକ ହୁଏ । ହସିବା ପାଇଁ ମନୁଷ୍ୟ ପାଖରେ ବିଭିନ୍ନ କାରଣ ଥାଏ । ଅନ୍ୟର ଦୁଃଖ ଦେଖି ବି ସେ ହସେ । କୃପଣସ୍ୱଭାବ, ଭଣ୍ଡାମି, କୃତିମତା, ଲାମ୍ପଟ୍ୟ, ଠକାମୀ ଦେଖି ମଧ୍ୟ ଜଣେ ହସେ । ହାସ୍ୟ ରସ ମଧ୍ୟରେ କରୁଣ ହାସ୍ୟ ରସ ( humour), ବାଗ ବୈଦଗ୍ଧ ( wit), ବ୍ୟଙ୍ଗ ( satire), କୌତୁକ ( fun) ପ୍ରଭୃତି ପ୍ରଧାନ । ଏସମସ୍ତ ପ୍ରଭାଗ (gener) ର ସଂଜ୍ଞା ମଧ୍ୟ ଅଲଗା ଅଲଗା । ସାଧାରଣତଃ ସାହିତ୍ୟରେ ହାସ୍ୟରସର୍ ବ୍ୟବହାର ହୋଇଥାଏ ପାଠକକୁ ମନୋରଞ୍ଜନ ଓ ଆନନ୍ଦ ଦାନ ଦେବା ନିମନ୍ତେ । କିନ୍ତୁ ବାହ୍ୟ ଦୃଷ୍ଟିକୋଣରୁ ହାସ୍ୟ ପ୍ରକାଶ ପାଉଥିଲେ ହିଁ ଯେତେବେଳେ ଏହା ଭିତରେ ବ୍ୟଙ୍ଗ ଓ ବିଦ୍ରୁପ ପ୍ରକାଶ ପାଏ, ସେତେବେଳେ ତାହା ହୋଇଯାଏ ବ୍ୟଙ୍ଗାତ୍ମକ ସାହିତ୍ୟ ରଚନା । ଏଥିରୁ ସ୍ପଷ୍ଟ ପ୍ରତ୍ୟୟ ହୁଏ ଯେ ହାସ୍ୟ ରଚନା ଓ ବ୍ୟଙ୍ଗ ରଚନା ମଧ୍ୟରେ ଗୋଟିଏ ମୌଳିକ ପ୍ରଭେଦ ପରିଲକ୍ଷିତ ହୋଇଥାଏ। ହାସ୍ୟ ରଚନାର ଲେଖକ ଓ ବ୍ୟଙ୍ଗ ସ୍ରଷ୍ଟାଙ୍କ ଆଭିମୁଖ୍ୟ

ଓ ଦୃଷ୍ଟିଭଙ୍ଗୀ ସମ୍ପର୍କରେ କହିବାକୁ ଯାଇ ଅଧ୍ୟାପକ ଶାନ୍ତନୁ ସର୍ ଲେଖିଛନ୍ତି - " ମଣିଷର ଦୋଷ ଦୁର୍ବଳତା, ସାମାଜିକ ବିପର୍ଯ୍ୟୟ, ନୈତିକ ଅଧୋଗତି ଓ ସାଂସ୍କୃତିକ ଅବକ୍ଷୟ ବିଷୟରେ ଉଭୟ ଶିଳ୍ପୀ ସଚେତନ। ସେମାନେ ବିଶ୍ୱାସ କରୁଥିବା ନିର୍ଦ୍ଦିଷ୍ଟ ଆଦର୍ଶ ବା ମୂଲ୍ୟବୋଧର ସାମାନ୍ୟ ବ୍ୟତିକ୍ରମ ଓ ତ୍ରୁଟି ବିଚ୍ୟୁତିକୁ ନିଜ କଳାତ୍ମକ ସୃଷ୍ଟିରେ ସେମାନେ ପ୍ରକାଶ କରିଥାନ୍ତି । ହାସ୍ୟ ରସର ଲେଖକ ସବୁ ବ୍ୟତିକ୍ରମ ଓ ବିପର୍ଯ୍ୟୟକୁ ସହନଶୀଳ ଓ ଉଦାର ହୃଦୟରେ ଗ୍ରହଣ କରିଥାଏ। ନିଜେ ସ୍ୱୀକାର କରିଥିବା ନୈତିକ ମାନଦଣ୍ଡରୁ ଦୂରେଇ ଯାଇଥିବା ମଣିଷମାନଙ୍କୁ ସେ ନିର୍ଲିପ୍ତ ଭାବରେ ଦେଖେ । ଆଖିରେ ତାର ନଥାଏ ଶାଣିତ କଟାକ୍ଷ, ବରଂ ଥାଏ ଏକ ବିମୁଗ୍ଧ ସମ୍ବେଦନଶୀଳ ମନୋଭାବ । × × × । ଅନ୍ୟପକ୍ଷରେ ବ୍ୟଙ୍ଗ ଶିଳ୍ପୀ ସେମାନଙ୍କୁ ପରିହାସ କରେ, ତାର ବିଚାରରେ ସେମାନେ ଯେତିକି ଘୃଣ୍ୟ ସେମାନଙ୍କୁ ସେତିକି ଘୃଣ୍ୟ କରି ସେ ଚିତ୍ରଣ କରିଥାଏ । ବିଦ୍ରୁପାତ୍ମକ ଉପସ୍ଥାପନା ମାଧ୍ୟମରେ ବ୍ୟଙ୍ଗଶିଳ୍ପୀ ସମାଲୋଚକ ଓ ବିଦ୍ରୋହୀର ଭୂମିକାରେ ଅବତୀର୍ଣ୍ଣ ହୁଏ । " (ସର ଶାନ୍ତନୁ, ବ୍ୟଙ୍ଗର ପ୍ରକୃତି: ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ । ପୃ -୫୫ )

ବ୍ୟଙ୍ଗାତ୍ମକ୍ ସାହିତ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଅଟେ । ଅବକ୍ଷୟ ମୁଖୀ ସଂସ୍କୃତିର ସୁରକ୍ଷା ନିମନ୍ତେ ସାରସ୍ୱତ ସ୍ରଷ୍ଟା ମାନେ ଏହି ବ୍ୟଙ୍ଗ ବିଦ୍ରୁପର ଆଶ୍ରୟ ନେଇଥାନ୍ତି। ମୁଖ୍ୟ ଉଦ୍ଦେଶ୍ୟ ଥାଏ ଲୋକ ଚରିତ୍ରର ସଂଶୋଧନ । ସମାଜରେ ଯେଉଁସବୁ ଅସଙ୍ଗତି ଭାବ ପ୍ରକାଶ ପାଏ, ତା ବିରୋଧରେ ଶାଣିତ ସମାଲୋଚନା କରିଥାନ୍ତି ବ୍ୟଙ୍ଗ ସାହିତ୍ୟିକ ମାନେ । ମନୁଷ୍ୟ ଭିତରେ ଥିବା ଭ୍ରାନ୍ତି ଅହମିକାକୁ ପ୍ରଚଣ୍ଡ ଭାବରେ ଆଘାତ କରି ସେମାନଙ୍କୁ ମାନବିକତା ମାର୍ଗରେ ଅଗ୍ରସର ହେବା ପାଇଁ ଯେଉଁ ପ୍ରଶସ୍ତ ମାର୍ଗ ପ୍ରସ୍ତୁତ କରିଥାନ୍ତି ବ୍ୟଙ୍ଗ ଲେଖକମାନେ ତାହା ତାଙ୍କୁ କାଳ କାଳ ପାଇଁ ଅମର କରି ରଖେ । ବ୍ୟକ୍ତିର ଚାରିତ୍ରିକ ସ୍ଖଳନ, ଦୁର୍ବଳତାକୁ ବାରମ୍ବାର ଉଦଘାଟନ କରି ବ୍ୟକ୍ତିକୁ କୁମାର୍ଗରୁ ସୁମାର୍ଗକୁ ଆଣିବାରେ ବ୍ୟଙ୍ଗ ସାହିତ୍ୟର ଥାଏ ପ୍ରମୁଖ ଭୂମିକା। ସଂପୃକ୍ତ ବ୍ୟକ୍ତିକୁ ବାରମ୍ବାର ଆଘାତ କରିବାରେ ବ୍ୟଙ୍ଗ ଲେଖକର ସବୁଠାରୁ ସୂକ୍ଷ୍ମ ଧାରୁଆ ଅସ୍ତ୍ର ହେଉଛି ଶ୍ଳେଷ ଓ ବ୍ୟାଜସ୍ତୁତି । ବ୍ୟଙ୍ଗ ଲେଖକ କଥାକୁ ଏମିତି ଢଙ୍ଗରେ ପ୍ରକାଶ କରିଥାଏ ଯେ ତାହା ବାହାରକୁ ହାସ୍ୟାସ୍ପଦ ମନେ ହେଲେ ହିଁ ଅନ୍ତର ତୀବ୍ର ଜ୍ୱଳନରେ ଜର୍ଜରିତ ହେଉଥାଏ । ସମାଜର ଅବ୍ୟବସ୍ଥା, ଅନାଚାରକୁ ରୋକିବା ପାଇଁ ସବୁ ସମୟରେ ଲେଖକକୁ ଏହି ଭଳି ବ୍ୟଙ୍ଗ ବିଦ୍ରୁପର ଆଶ୍ରୟ ନେବାକୁ ପଡ଼ିଥାଏ ।

ସବୁ ହାସ୍ୟ ସ୍ରଷ୍ଟା ବ୍ୟଙ୍ଗାତ୍ମକ ସାହିତ୍ୟ ରଚନା କରିପାରିବେ ନାହିଁ । ଜଣେ ସମାଜର ବିଭିନ୍ନ ବ୍ୟବସ୍ଥା ସହିତ ଓତଃପ୍ରୋତ ଭାବରେ ଜଡ଼ିତ ହୋଇନଥିଲେ , କିଭଳି ସେ ଶାଣିତ ସମାଲୋଚନା କରିପାରିବ ? ନିଜକୁ ସେତିକି କଠୋର ଓ ଦୃଢ଼ ନକରିପାରିଲେ ଜଣେ କଦାପି ବ୍ୟଙ୍ଗାତ୍ମକ ସାହିତ୍ୟ ସୃଷ୍ଟି କରିପାରିବ ନାହିଁ । ତେଣୁ ବିଶୁଦ୍ଧ ହାସ୍ୟ ସ୍ରଷ୍ଟା ଓ ବ୍ୟଙ୍ଗ ସାହିତ୍ୟସ୍ରଷ୍ଟାଙ୍କ ଭିତରେ ଆକାଶ ପାତାଳ ସମ୍ପର୍କ ରହିଛି । ଏ ସମ୍ପର୍କରେ ସମାଲୋଚିକା ଡାକ୍ତର ସାବିତ୍ରୀ ଦାସ ଲେଖିଛନ୍ତି - " ନିଜକୁ ଦେଖି ହସୁଥିବା ବିଶୁଦ୍ଧ ହାସ୍ୟରସିକ ବ୍ୟଙ୍ଗାତ୍ମକ ସାହିତ୍ୟ ସୃଷ୍ଟି କରିବାରେ ସଫଳ ହୋଇ ପାରେନା । ବ୍ୟଙ୍ଗକାର ନିଜକୁ ଖୁବ୍ ବଡ ବୋଲି ଭାବେ । ନିଜେ ହସି ଅନ୍ୟକୁ ବିଦ୍ରୁପ କରେ । ବ୍ୟଙ୍ଗର ଶାଣିତ ଦରବାରୀରେ ଅନ୍ୟକୁ କ୍ଷତାକ୍ତ କରିଦିଏ । ବ୍ୟକ୍ତିର ଓଠରୁ ହସର ରକ୍ତରାଗ ପୋଛି ଦେଇ ବେଦନାବୋଧରେ ଆତୁର କରେ । କିନ୍ତୁ ହିଓମରଷ୍ଟ ତା କଅଁଳ ହାତର ସ୍ପର୍ଶରେ ମନରେ ଆନନ୍ଦ ଆଣିଦିଏ ଓ ହୃଦୟର ପରିବ୍ୟାପ୍ତ ଦୁଃଖ ଭିତରେ ସୁଖର ଝରଣା ସୃଷ୍ଟି କରେ ।" ( ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ବୈଷ୍ଣବ କୁମାର ସାମଲ, ପୃଷ୍ଠା - ୧୫୫ )

ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ସମାଜରେ ସଂସ୍କାର ଆନୟନ, ଦୁର୍ନୀତିର ମୂଳୋତ୍ପାଟନ, ସାମାଜିକ, ରାଜନୈତିକ, ସାଂସ୍କୃତିକ କ୍ଷେତ୍ରରେ ନାନାଦି ପରିବର୍ତ୍ତନ ଆଣିବାପାଇଁ ଯେଉଁ ସାହିତ୍ୟର ସୃଷ୍ଟି ହୁଏ ତାହା ହିଁ ବ୍ୟଙ୍ଗାତ୍ମକ ସାହିତ୍ୟ ନାମରେ ଅଭିହିତ । ଏହା ବାହାରକୁ ହାସ୍ୟରସାତ୍ମକ ମନେ ହେଲେ ହିଁ ଅନ୍ତରରେ ତୀବ୍ର ଜ୍ୱଳନ ସୃଷ୍ଟି କରିଥାଏ । ଯେଉଁ ମାନଙ୍କ ଉଦ୍ଦେଶ୍ୟରେ ଏହା ରଚିତ ହେଇଥାଏ , ସେମାନଙ୍କ

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 03 | Sept - Nov, 2025 | ISSN: 3048-9660 (Online) | www.thebrahmi.com

ହୃଦୟକୁ ଏହା ଛୁରୀକା ପରି ତୀକ୍ଷ୍ଣ ଆଘାତ ପହଞ୍ଚାଇଥାଏ । କେବଳ ବ୍ୟକ୍ତି ନୁହେଁ ଗୋଷ୍ଠୀ ବିଶେଷଙ୍କୁ ମଧ୍ୟ ବ୍ୟଙ୍ଗସ୍ରଷ୍ଟା ଶାଣିତ ସମାଲୋଚନା କରିଥାଏ । ବ୍ୟଙ୍ଗ ସାହିତ୍ୟରେ ବି ସର୍ବଦା ନିରପେକ୍ଷତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ବ୍ୟକ୍ତିଗତ ଭାବରେ କେବଳ ଜଣଙ୍କୁ ଅସୂୟା ମନୋଭାବ ରଖି ବ୍ୟଙ୍ଗ କରାଯାଏ, ସେ ଧରଣର ସାହିତ୍ୟସୃଷ୍ଟିର କଳାତ୍ମକ ମୂଲ୍ୟ ଯଥେଷ୍ଟ ହ୍ରାସ ହେବାର ସମ୍ଭାବନା ଥାଏ ।

ତେଣୁ ବ୍ୟଙ୍ଗାତ୍ମକ ସାହିତ୍ୟ ସ୍ରଷ୍ଟା ବ୍ୟକ୍ତିଗତ କ୍ରୋଧ ଓ ଆକ୍ରୋଶ ରଖି ଲେଖନୀ ଚାଳନା କରିବା କଦାପି ଠିକ୍ ନୁହେଁ । ଜନ ମୁରିଙ୍କ 'ଦି ପ୍ରବ୍ଲେମ ଅଫ ଷ୍ଟାଇଲ' ପୁସ୍ତକରେ ମଧ୍ୟ ଏ ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ସେଥିରେ କୁହାଯାଇଛି - satire is not a matter of Personal Resentment, lent of Personal Contemplation.

ବିଶ୍ୱରେ ବ୍ୟଙ୍ଗ ସାହିତ୍ୟ ରଚନା ପ୍ରଥମେ କେଉଁଠି ଆରମ୍ଭ ହୋଇଥିଲା, ସେ ସମ୍ପର୍କରେ ସମାଲୋଚକମାନେ ନାନା ମତ ପ୍ରଦାନ କରିଛନ୍ତି । ଇଂରାଜୀ, ରୋମାନ, ଗ୍ରୀକ୍ ସାହିତ୍ୟିକମାନେ ଦାବି କରନ୍ତି ଯେ ବ୍ୟଙ୍ଗରଚନାର ଉନ୍ମେଷ ପ୍ରଥମେ ସେମାନଙ୍କ ସାହିତ୍ୟରେ ହୋଇଥିଲା । ପ୍ରାଚୀନ ଗ୍ରୀସ ଏବଂ ରୋମର ପ୍ରାଚୀନ କାବ୍ୟ, ନାଟକରେ ବ୍ୟଙ୍ଗର ବ୍ୟବହାର ପ୍ରଥମେ ହୋଇଥିବାର ଦେଖିବାକୁ ମିଳେ । ଗ୍ରୀକ୍ ନାଟ୍ୟକାରମାନେ ସମାଜର ଅବ୍ୟବସ୍ଥା ବିରୋଧରେ ବ୍ୟଙ୍ଗ ( satire) ବ୍ୟବହାର କରି ସମାଜରେ ସୁଧାର ଆଣିବାକୁ ପ୍ରଚେଷ୍ଟା କରିଥିଲେ । ଆରିଷ୍ଟୋଫେନ୍ସଙ୍କ ଲିସିଷ୍ଟ୍ରାଟା ଏହାର ବଳିଷ୍ଠ ଦୃଷ୍ଟାନ୍ତ । ଗ୍ରୀକ୍ ଓ ରୋମ ସାମ୍ରାଜ୍ୟର ଶାସକମାନଙ୍କର ଏକଛତ୍ର ଶାସନ ଓ ସ୍ୱେଚ୍ଛାଚାରିତାକୁ ରୋକିବା ପାଇଁ ନାଟ୍ୟକାର ଓ କବି ମାନେ ଯେଉଁ ବ୍ୟଙ୍ଗର ପ୍ରୟୋଗ କରୁଥିଲେ, ବାସ୍ତବରେ ତାହା ଅନେକାଂଶରେ ସଫଳ ହୋଇପାରିଥିଲା । ପ୍ରାଚୀନ ରୋମାନ ବ୍ୟଙ୍ଗକାରମାନଙ୍କ ମଧ୍ୟରେ ମେନିପସ, ହୋରେସ, ଜୁଭେନାଲ ପ୍ରଭୃତି ହେଉଛନ୍ତି ଅନ୍ୟତମ ବ୍ୟଙ୍ଗ ଲେଖକ ।

ଚସରଙ୍କ ପୂର୍ବରୁ ଇଂରାଜୀ ସାହିତ୍ୟରେ ବ୍ୟଙ୍ଗର ଉନ୍ମେଷ ହୋଇସାରିଥିଲେ ମଧ୍ୟ ତାର ବିକାଶ ହୋଇପାରିନଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଚସର ଇଂରାଜୀ ବ୍ୟଙ୍ଗ ସାହିତ୍ୟକୁ ସମୃଦ୍ଧ କରିଥିଲେ । ହାସ୍ୟରସ, ଉପହାସ ବ୍ୟବହାର କରି କାହାରି କିମ୍ବା କୌଣସି ଜିନିଷର ମୂର୍ଖତା ପ୍ରକାଶ କରିବା ଥିଲା ଚସରଙ୍କ ବ୍ୟଙ୍ଗ ସାହିତ୍ୟର ମୂଳ ଲକ୍ଷ୍ୟ । ତାଙ୍କର 'କ୍ୟାଣ୍ଟରବରୀ ଟେଲସ'  ହେଉଛି ପାଶ୍ଚାତ୍ୟ ସାହିତ୍ୟର ପ୍ରଥମ ବ୍ୟଙ୍ଗ ଗଳ୍ପ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଇଂରାଜୀ ସାହିତ୍ୟରେ ଯେଉଁ ବ୍ୟଙ୍ଗ ଲେଖକମାନେ ଆସିଲେ ସେମାନେ ସେମାନଙ୍କ ଲେଖା ମାଧ୍ୟମରେ ସମାଜର ଅବ୍ୟବସ୍ଥା ବିରୋଧରେ ଶାଣିତ ସମାଲୋଚନା କରିପାରିଥିଲେ । ଏହି ଦୁଇ ଶତାବ୍ଦୀର ପ୍ରମୁଖ ଇଂରାଜୀ ବ୍ୟଙ୍ଗକାରମାନଙ୍କ ମଧ୍ୟରେ ଷ୍ଟିଲ, ଆଡିସନ୍, ଗୋଲ୍ଡସ୍ମିଥ, ଡାଇଡ୍ରେନ, ସୁଇଫଟ, ପୋପ, ବାଇରନ, ସାମୁଏଲ୍ ବଟଲର, ସେକ୍ସପିୟର ଅନ୍ୟତମ ।

ଭାରତୀୟ ସାହିତ୍ୟରେ ମଧ୍ୟ ବ୍ୟଙ୍ଗର ପରମ୍ପରା ବହୁ ପ୍ରାଚୀନ । ସଂସ୍କୃତ , ପାଲି , ଅପଭ୍ରଂଶ ସାହିତ୍ୟରେ ହାସ୍ୟବ୍ୟଙ୍ଗର ଅନେକ ଦୃଷ୍ଟାନ୍ତ ରହିଛି । ଯାହାର ଗବେଷଣା କାର୍ଯ୍ୟ ଏଯାବତ ବିଶେଷ ଭାବରେ ହୋଇପାରିନାହିଁ । ' ମୃଚ୍ଛକଟିକ ' ନାଟକର ରଚୟିତା ହେଉଛନ୍ତି ରାଜା ଶୁଦ୍ରକ । ଏଥିରେ ସେ ବ୍ରାହ୍ମଣମାନଙ୍କ ଯଜ୍ଞ ଉପବୀତ ସମ୍ପର୍କରେ ଯେଉଁ ବ୍ୟଙ୍ଗ କରିଛନ୍ତି, ତାହା ପାଠକଙ୍କୁ ବିମଳ ହାସ୍ୟରସ ପ୍ରଦାନ କରେ । ସଂସ୍କୃତ ସାହିତ୍ୟ ପରି ହିନ୍ଦୀ ସାହିତ୍ୟରେ ବ୍ୟଙ୍ଗର ବହୁଳ ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ । କବୀର, ତୁଳସୀଦାସ, ଶୁରଦାସଙ୍କ ପରି ସାରସ୍ୱତ ସ୍ରଷ୍ଟାଙ୍କ ରଚନାରେ ବ୍ୟଙ୍ଗର ପରିଚୟ ଦେଖିବାକୁ ମିଳେ । ହିନ୍ଦୀ ସାହିତ୍ୟର ବିକାଶ ସହିତ ବ୍ୟଙ୍ଗ ଏକ ସ୍ୱତନ୍ତ୍ର ବିଭାଗ ରୂପେ ଭାରତୀୟ ସାହିତ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ଓଡ଼ିଆ ସାହିତ୍ୟରେ ସାଟାୟାର୍ ର ସୃଷ୍ଟି ଆଧୁନିକ ଯୁଗରେ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଧାନାଥ ଯୁଗ ପୂର୍ବରୁ ଓଡ଼ିଆ ସାହିତ୍ୟରେ ହାସ୍ୟରସର ବହୁଳ ବ୍ୟବହାର ହୋଇଥିବାର ଦେଖାଗଲେ ହେଁ ବ୍ୟଙ୍ଗର ଯଥାର୍ଥ ବ୍ୟବହାର ଏହି ଯୁଗରେ ଆରମ୍ଭ ହୋଇଛି ।

କାରଣ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ସାହିତ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଏ ଯୁଗର ଲେଖକମାନେ ଅନୁରୂପ ସାହିତ୍ୟ ସୃଷ୍ଟି କରିଥିଲେ । ରାଧାନାଥ ହିଁ ପ୍ରଥମେ ଆଧୁନିକ କାବ୍ୟ କବିତାରେ ବ୍ୟଙ୍ଗର ବ୍ୟବହାର କରି ତଥାକଥିତ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ, ରାଜା, ଜମିଦାର, ଇଂରାଜୀ ଶିକ୍ଷିତ ସଭ୍ୟ ସମାଜକୁ ଶାଣିତ ସମାଲୋଚନା କରିଥିଲେ । "ଦରବାର" କାବ୍ୟ ହେଉଛି ରାଧାନାଥଙ୍କ ପ୍ରମୁଖ ବ୍ୟଙ୍ଗଧର୍ମୀ କାବ୍ୟ । ଯେଉଁଥିରେ ପଦବୀ ଲୋଭୀ ରାଜା ଜମିଦାରମାନଙ୍କୁ ବ୍ୟଙ୍ଗ ବିଦ୍ରୁପ ମାଧ୍ୟମରେ ଗଭୀର ଆଘାତ ପହଞ୍ଚାଇଛନ୍ତି । ରାଧାନାଥ ରାୟଙ୍କ ପରି ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ବ୍ୟଙ୍ଗର ବାହୁଲ୍ୟତାକୁ ପାଠକ ଲକ୍ଷ୍ୟ କରିପାରିବେ । ଫକୀରମୋହନଙ୍କ ହାଟ ବାହୁଡ଼ା, ଛ ମାଣ ଆଠଗୁଣ୍ଠ, ଗଙ୍ଗାଧର ମେହେରଙ୍କ ଅର୍ଘ୍ୟଥାଳୀର ଅନେକ କବିତାରେ ବହୁ ବ୍ୟଙ୍ଗର ସୂଚନା ମିଳେ ।

ଗଦ୍ୟ ସାହିତ୍ୟରେ ବି ବ୍ୟଙ୍ଗର ବ୍ୟବହାର କରି ଉଚ୍ଚକୋଟୀର ପ୍ରବନ୍ଧ ରଚନା କରିପାରିଛନ୍ତି ଗୋବିନ୍ଦ ତ୍ରିପାଠୀ, କୃଷ୍ଣ ପ୍ରସାଦ ବସୁ, ହରେକୃଷ୍ଣ ମହତାବ, ଗୋପାଳଚନ୍ଦ୍ର ପ୍ରହରାଜ, କୁଞ୍ଜବିହାରୀ ଦାସ, ରାଜକିଶୋର ପଟ୍ଟନାୟକଙ୍କ ପରି ପ୍ରଖ୍ୟାତ ପ୍ରାବନ୍ଧିକ ମାନେ । ବ୍ୟଙ୍ଗ ଗଳ୍ପ ରଚନାରେ ସୁନାମ ଆଣିଥିବା ଗାଳ୍ପିକ ମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର, ସୁନିଲ ମିଶ୍ର, ମହାପାତ୍ର ନୀଳମଣି ସାହୁ, କୁଳମଣି ମହାପାତ୍ର, ଫତୁରାନନ୍ଦଙ୍କ, ଚୌଧରୀ ହେମକାନ୍ତ ମିଶ୍ର, ରାଧୁ ମିଶ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବସନ୍ତକୁମାର ଶତପଥୀ ପ୍ରଭୃତି ଅନ୍ୟତମ । ଏମାନଙ୍କ ବ୍ୟଙ୍ଗରେ ସମାଜ ସଂସ୍କାରର ବାର୍ତ୍ତାଟି ପ୍ରଚ୍ଛନ୍ନ ଭାବରେ ନିହିତ ରହିଛି । ଦୁର୍ନୀତି, ଅନିୟମିତତା ବିରୋଧରେ ଏମାନଙ୍କ ଲେଖନୀ ହୋଇ ଉଠିଛି ଚଳ ଚଞ୍ଚଳ ।

**ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ର ଗଳ୍ପରେ ବ୍ୟଙ୍ଗ :-**

ଓଡ଼ିଆ ଗଳ୍ପ ସାହିତ୍ୟରେ ଉନ୍ମେଷ ସମୟରୁ ଏ ଯାବତ୍ ବ୍ୟଙ୍ଗର ପ୍ରଭାବ ଅପ୍ରତିହତ ରହିଛି । ଏହା ପ୍ରତିଟି ସଚେତନ ପାଠକ ଉପଲବ୍ଧି କରିପାରୁଥିବେ ନିବିଡ଼ ଭାବରେ । ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କାଳର ଯେଉଁ ଗାଳ୍ପିକମାନେ ବ୍ୟଙ୍ଗ ଗଳ୍ପ ରଚନା କରି ତାହାକୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛନ୍ତି, ସେମାନଙ୍କ ମଧ୍ୟରେ ଫକୀରମୋହନ ସେନାପତି, ଗୋଦାବରୀଶ ମହାପାତ୍ର, ଫତୁରାନନ୍ଦ, ମହାପାତ୍ର ନୀଳମଣି ସାହୁ, କୁଳମଣି ମହାପାତ୍ର, ଚୌଧୁରୀ ହେମକାନ୍ତ ମହାପାତ୍ର, ମିଃ କୁଳାଙ୍ଗାର, ଭୁପେନ ମହାପାତ୍ର, ସତ୍ୟା ନାଶ ପ୍ରଭୃତି ଅନ୍ୟତମ । ଫକୀରମୋହନ ସେନାପତିଙ୍କ ତୁଳନାରେ ଗୋଦାବରୀଶ ମହାପାତ୍ରଙ୍କ ଲେଖାରେ ବ୍ୟଙ୍ଗର ପ୍ରାବଲ୍ୟ ଥିଲା ଅଧିକ । ତାଙ୍କର ବ୍ୟଙ୍ଗଧର୍ମୀ ପତ୍ରିକା ନିଆଁଖୁଣ୍ଟା ତତ୍କାଳୀନ ସମୟରେ ଓଡ଼ିଶା ପ୍ରଦେଶରେ ହଟଚମଟ ସୃଷ୍ଟି କରୁଥିଲା ସେଥିରେ ପ୍ରକାଶିତ ବିଭିନ୍ନ ବ୍ୟଙ୍ଗଧର୍ମି ଲେଖା ଯୋଗୁଁ । ଶାସନ କଳର ଅପାରଗତା, ସାହୁକାର ବା ବ୍ୟବସାୟୀମାନଙ୍କର ଶଠତା ବିରୋଧରେ ଶାଣିତ ବ୍ୟଙ୍ଗୋକ୍ତି କରୁଥିଲେ ଗୋଦାବରୀଶ ସ୍ୱଗଳ୍ପ ମାଧ୍ୟମରେ । ଗୋଦାବରୀଶଙ୍କଠାରୁ ଆଉ ପାଦେ ଆଗକୁ ବଢ଼ିଛନ୍ତି ଗାଳ୍ପିକ ଫତୁରାନନ୍ଦ । ଗାଁ ସରପଞ୍ଚମାନଙ୍କର ଦୁର୍ନୀତି, ବାବାଜୀମାନଙ୍କର ଶଠତା, ବ୍ୟବସାୟୀମାନଙ୍କର ଅସାଧୁତାର ମୁଖା ଖୋଲି ଦେଇ ପାଠକକୁ ବିମଳ ହାସ୍ୟ ପ୍ରଦାନ କରିଛନ୍ତି ତାଙ୍କ ଗଳ୍ପ ଜରିଆରେ ।

ବିଂଶ ଶତାବ୍ଦୀର ସାମାଜିକ ରୂପରେଖ ଏକବିଂଶ ଶତାବ୍ଦୀ ବେଳକୁ ବଦଳି ଯାଉଛି । ବିଂଶ ଶତାବ୍ଦୀରେ ସମାଜ ଜୀବନରେ ଯେଉଁ ଅସଙ୍ଗତି ଦେଖାଯାଉଥିଲା ତାହାର ପରିମଣ୍ଡଳ ଥିଲା ସୀମିତ । କିନ୍ତୁ ଏକବିଂଶ ଶତାବ୍ଦୀରେ ସେହି ସାମାଜିକ ଅସଙ୍ଗତି ସମଗ୍ର ଦେଶକୁ କିପରି ଆଚ୍ଛନ୍ନ କରି ରଖିଛି ଏବଂ ସବୁ କ୍ଷେତ୍ରରେ କିପରି ଅନିୟମିତତା ଦେଖା ଯାଉଛି, ତାହା ହିଁ ଚିନ୍ତାର ବିଷୟ । ସରକାରୀ ଶାସନ କଳର ଅପାରଗତା, ସରକାରୀ କର୍ମଚାରୀମାନଙ୍କର ଦୁର୍ନୀତି ପରାୟଣତା, ରାଜନେତାମାନଙ୍କର ସ୍ୱାର୍ଥ ପୂରଣର ଅଭିଳିପ୍ସା, ଛାତ୍ରଛାତ୍ରୀମାନଙ୍କର ଅସାଧୁତା ଓ ନୀତିହୀନତା, ବ୍ୟବସାୟୀମାନଙ୍କର ଶଠତା, ସରକାରଙ୍କର ପ୍ରିୟାପ୍ରୀତି ପୋଷଣ, ପୁରସ୍କାର ପ୍ରଦାନ କ୍ଷେତ୍ରରେ ଚଞ୍ଚକତା , ରାଜ୍ୟ ଓ ଦେଶର ବିକାଶ ନାଁ ରେ ହରି ଲୁଟ୍ ଭଳି ଅନେକ ଘଟଣା ସାମ୍ପ୍ରତିକ ସମାଜକୁ ଭିନ୍ନ ଏକ ପଥରେ ନେଇଯାଉଛି । ଏ ସମସ୍ତ ପ୍ରସଙ୍ଗ ଓ ଘଟଣାକୁ ଉପଲକ୍ଷ୍ୟ କରି ଏକବିଂଶ ଶତାବ୍ଦୀର ଯେଉଁ ଗାଳ୍ପିକମାନେ ବ୍ୟଙ୍ଗଗଳ୍ପ ରଚନା କରି ସମାଜରେ ସୁଧାର ଆଣିବାକୁ ସଯତ୍ନ ପ୍ରୟାସ

କରିଛନ୍ତି , ସେମାନେ ସର୍ବଦା ସ୍ମରଣୀୟ ହୋଇ ରହିବେ - ଏଥିରେ ସନ୍ଦେହ ନାହିଁ ।

ପତିତପାବନ ମହାପାତ୍ର ଏକବିଂଶ ଶତାବ୍ଦୀର ଜଣେ ପ୍ରସିଦ୍ଧ ବ୍ୟଙ୍ଗ ଗାଳ୍ପିକ । ତାଙ୍କର ବ୍ୟଙ୍ଗ ଗଳ୍ପ ସଂକଳନର ନାମ ହେଉଛି - ' ଅକର୍ମା ଗେରସ୍ତ ଓ ମସ୍ୟ ଉପାଖ୍ୟାନ' । ଏ ସଂକଳନର ଅଧିକାଂଶ ଗଳ୍ପ 'ସମୟ' ଖବରକାଗଜ ଓ ମାସିକ ପତ୍ରିକା ' ଅମୃତାୟନ 'ରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ପ୍ରଶଂସା ଲାଭ କରିଛି । କେଉଁଠି ଆଧୁନିକ ଯୁବକ ଯୁବତୀଙ୍କ ବେଶଭୂଷା, ଚାଲିଚଳଣୀ, ଆଚାରବିଚାରକୁ ନେଇ ଗାଳ୍ପିକ ଶାଣିତ ବ୍ୟଙ୍ଗ କରିଛନ୍ତି ତ, କେଉଁଠି ରାଜନେତାମାନଙ୍କର ଭ୍ରଷ୍ଟାଚାର ଓ ମିଥ୍ୟା ନିର୍ବାଚନୀ ଇସ୍ତାହାରରୁ ପର୍ଦ୍ଦାଫାଶ କରି ପାଠକକୁ ବିମଳ ହାସ୍ୟ ପ୍ରଦାନ କରିଛନ୍ତି । ତାଙ୍କ ଗଳ୍ପଗୁଡିକରେ ବ୍ୟଙ୍ଗ ଅଛି, କିନ୍ତୁ ତାହା ସେତିକି ତୀକ୍ଷ୍ଣ ଓ ଶାଣିତ ହୋଇପାରିନାହିଁ । ଗଳ୍ପଗୁଡ଼ିକର ଭାଷା ଶୈଳୀ ପ୍ରାୟତଃ ହାସ୍ୟରସଧର୍ମୀ ।

ଭୂପେନ ମହାପାତ୍ର ଏହି ସମୟଖଣ୍ଡର ଜଣେ ଶ୍ରେଷ୍ଠ ବ୍ୟଙ୍ଗ ଗାଳ୍ପିକ । ପ୍ରାୟ ଅନେକ ବ୍ୟଙ୍ଗ ଗଳ୍ପ ରଚନା କରି ସେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ । ତାଙ୍କର ବ୍ୟଙ୍ଗ ଗଳ୍ପ ସଂକଳନ ମଧ୍ୟରେ ରହିଛି - ଭାରତ ଭାଗ୍ୟବିଧାତା ଓ ଚନ୍ଦ୍ରସେଣାର ଚନ୍ଦ୍ରା ଲୋକ । ତାଙ୍କର ଅନ୍ୟ ଏକ ବ୍ୟଙ୍ଗ ଗଳ୍ପ ସଂକଳନ ରହିଛି , ଯାହାର ନାମ ହେଉଛି " ଚର୍ଚ୍ଚିତ ବ୍ୟଙ୍ଗ " । ଏଥିରେ ପୂର୍ବୋକ୍ତ ଗଳ୍ପସଂକଳନର କିଛି କିଛି ଗଳ୍ପ ସ୍ଥାନିତ ହୋଇଛି । ଲେଖକ କାହିଁକି ବ୍ୟଙ୍ଗ ଗଳ୍ପ ଲେଖିବାରେ ପ୍ରବୃତ୍ତ ହେଲେ ସେ ସମ୍ପର୍କରେ ସେ କହିଛନ୍ତି - " ମୋର ଅନେକ ଗୁଡ଼ିଏ ବ୍ୟଙ୍ଗ ଗଳ୍ପ ଅଛି । ପ୍ରଥମରୁ ହିଁ ମୁଁ ଆମ ଗଳ୍ପ ପରମ୍ପରା ଦ୍ୱାରା ଅନୁପ୍ରାଣିତ ହୋଇପାରିଥିଲି ବୋଲି ବୋଧେ ମୋର ପ୍ରାୟ ପ୍ରତ୍ୟେକ ଗଳ୍ପରେ ବ୍ୟଙ୍ଗର ଛିଟା ଥାଏ । " (ମୁଖବନ୍ଧ , ଚର୍ଚ୍ଚିତ ବ୍ୟଙ୍ଗ) । ଭୂପେନ ମହାପାତ୍ର ତାଙ୍କର ଅଧିକାଂଶ ବ୍ୟଙ୍ଗ ଗଳ୍ପରେ ପ୍ରତିଷ୍ଠିତ ରାଜନେତା ମାନଙ୍କୁ ଶାଣିତ ବ୍ୟଙ୍ଗ ବିଦ୍ରୁପ କରିଛନ୍ତି । କ୍ଷମତା ଲୋଭି ରାଜନେତାମାନେ ଅର୍ଥ ପିପାସା, ଦୁର୍ନୀତି, ଭ୍ରଷ୍ଟାଚାର, ଛଦ୍ମ ଆଚରଣ ବିରୋଧରେ ବ୍ୟଙ୍ଗ ଜରିଆରେ ତୀବ୍ର ଭର୍ତ୍ସନା କରିଛନ୍ତି । ରାଜନେତା ମାନଙ୍କୁ ଶାଣିତ ବ୍ୟଙ୍ଗ କରିବା ପଛରେ ଲୋକଙ୍କ ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଛି ସେ ସମ୍ପର୍କରେ ସେ କହିଛନ୍ତି -

"ସାଧାରଣ ନେତା ଅପେକ୍ଷା ରାଜନୀତିକ ନେତା ମନ୍ତ୍ରୀମାନଙ୍କ ଭିତରେ ଯଥେଷ୍ଟ ବ୍ୟଙ୍ଗର ଖୋରାକ ଅଛି ବୋଲି ମୁଁ ମନେ କରେ । ବ୍ୟଙ୍ଗ ସେହି ଅଫୁରନ୍ତ ଉତ୍ସଟିକୁ ସଠିକ୍ ଭାବରେ ଉପଯୋଗ କରିପାରିଲେ ଆମ ସାହିତ୍ୟରେ ଅନେକ ଖାଲି ଜାଗା ଯେ କେବଳ ପୂରଣ ହୋଇପାରିବ ତା ନୁହେଁ ସମାଜକୁ ବଦଳେଇବାରେ ଏହା ବେଶ ସହାୟକ ହେବ ।" (ନିଜକଥା, ଚନ୍ଦ୍ରଶେଖର ଚନ୍ଦ୍ରଲୋକ)। ଚନ୍ଦ୍ରଶେଣାର ଚନ୍ଦ୍ରାଲୋକ, ରଙ୍ଗ ସିଆଳ, ରିହଲସେଲ, ଆଉ ଏକ ମୁହଁ, ପରି ଅନେକ ଗଳ୍ପରେ ରାଜନେତାମାନଙ୍କର ନଗ୍ନରୂପକୁ ଆବିଷ୍କାର କରାଯାଇପାରେ ।

ଭିକାରୀ ରଥ ଓଡ଼ିଆ ବ୍ୟଙ୍ଗ ଗଳ୍ପରେ ଜଣେ ପରିଚିତ ଚେହେରା । ଫତୁରାନନ୍ଦଙ୍କ ପରେ ଓଡ଼ିଆ ବ୍ୟଙ୍ଗ ସାହିତ୍ୟକୁ ସର୍ବାଧିକ ବ୍ୟଙ୍ଗ ପୁସ୍ତକ ପ୍ରଦାନ କରି ସେ କରିଛନ୍ତି ସମୃଦ୍ଧ ଓ ଋଦ୍ଧିମନ୍ତ । ତାଙ୍କର ବ୍ୟଙ୍ଗଗଳ୍ପ ସଂକଳନ ମଧ୍ୟରେ ରହିଛି -- "ନେଫଡ", "ବାଜେଗପ", "ଅକଥା", "ମନ୍ତ୍ରୀଙ୍କ ମୂଳା" ଓ "ଅବାନ୍ତର" । ତାଙ୍କ ବ୍ୟଙ୍ଗ କବିତା ସଂକଳନ ମଧ୍ୟରେ ରହିଛି -- "ଅଲାଜୁକ" ଓ "ଅଖାଡୁଆ" । ତାଙ୍କର ପ୍ରାୟ ଗଳ୍ପଗୁଡ଼ିକ ପାଠକକୁ ବିମଳ ହାସ୍ୟ ପ୍ରଦାନ କରେ । ତାଙ୍କ ଗଳ୍ପ ରଚନାର ଭାଷା ଓ ଚରିତ୍ରମାନଙ୍କର ବିକୃତ ନାମ ପାଠକକୁ ମନଖୋଲି ହସିବାକୁ ଏକପ୍ରକାର ବାଧ୍ୟ କରାଏ । ସେଇ ହସାଇବା ମଧ୍ୟରେ ଥାଏ ଗଳ୍ପର ଚରିତ୍ର ମାନଙ୍କର ଅପାରଗତାକୁ ଉତ୍ସାହ କରିବା ।

"ନେତା ଗଛଟି ରହିଲା" ଗଳ୍ପରେ ଚରିତ୍ରମାନଙ୍କ ସେହି ବିକୃତ ଓ ହାସ୍ୟାତ୍ମକ ନାମକୁ ପାଠକ ଲକ୍ଷ୍ୟ କରିପାରିବେ । ସେଠି ଦେଶର ନାମ ରହିଛି -- ଲଡୁଆ ଦେଶ, ଚରିତ୍ରର ନାମ ହେଉଛି -- କ୍ଷେଣ୍ଟବର୍ମା, ଅବସର ବିଚାରପତି ଜମ୍ବୁକରାଜ, ଛୋପରା ସାହୁ, ପେମି, ମକୁନ୍ଦ ବାବା । ତାଙ୍କର "ମନ୍ତ୍ରୀଙ୍କ ମୂଳା" ଗଳ୍ପଟି ଶ୍ରେଷ୍ଠ ବ୍ୟଙ୍ଗ ଗଳ୍ପ । କିପରି ମନ୍ତ୍ରୀଙ୍କର ନିକଟ ତର ହେବାପାଇଁ ଲୋକମାନେ ନିଜର ସ୍ୱଭିମାନକୁ ବଳିଦେଇ

ଦିଅନ୍ତି, ତାହାର ଜ୍ୱଳନ୍ତ ଚିତ୍ର ଏଥିରେ ପ୍ରଦତ୍ତ । ସେହି ମାନଙ୍କୁ ବ୍ୟଙ୍ଗ କରିବାକୁ ଯାଇ ସେ ଗଳ୍ପରେ ଲେଖିଛନ୍ତି -

"ତାଙ୍କର ଖଦଡ଼ କମିଜର ଝାଳଗନ୍ଧ ଶୁଙ୍ଘିବାକୁ ବହୁ ଅନୁଗ୍ରହ ପ୍ରାର୍ଥୀ ନାକ ରଗଡିବା ପାଇଁ ସୁଯୋଗ ଉଣ୍ଡନ୍ତି । ତାଙ୍କ ଅଇଁଠା ପ୍ଲେଟରୁ କଣିକାଏ ପ୍ରସାଦ ପାଇବାକୁ ଯେଉଁ ଠେଲାପେଲା, ଅମିତାଭ ବଚନଙ୍କ ସିନେମା ଟିକେଟ କିଣିବାକୁ କାଉଣ୍ଟରରେ ସେତିକି ଗହଳି ହୋଇ ନ ଥିବ । ତାଙ୍କର ଗାଡ଼ିରେ ପେଟ୍ରୋଲ ନ ପକାଇଲେ ସୁଦ୍ଧା ଅନୁଗ୍ରହିତ ଗୁଣମୁଗ୍ଧ ସ୍ତାବକଗଣ ଗାଡ଼ିକୁ ଠେଲି ଠେଲି ଯାବତ ଚନ୍ଦ୍ରାର୍କେ ଠିକଣା ଥାନରେ ପହଞ୍ଚାଇ ପାରନ୍ତି ।" (ପୃ - ୧୦୯, ମନ୍ତ୍ରୀଙ୍କ ମୂଳା)

ଏହି ସମୟଖଣ୍ଡର ଆଉ ଜଣେ ପ୍ରସିଦ୍ଧ ବ୍ୟଙ୍ଗ ଗାଳ୍ପିକ ହେଉଛନ୍ତି ରାଧୁ ମିଶ୍ର । ୧୯୫୨ ମସିହାରେ ଜନ୍ମିତ ଏହି ବ୍ୟଙ୍ଗ ଗାଳ୍ପିକ ଏଯାବତ ଅନେକ ବ୍ୟଙ୍ଗ ଗଳ୍ପ, ବ୍ୟଙ୍ଗ କବିତା , ସମାଲୋଚନା, ଅନୁବାଦ ଲେଖି ପାଠକୀୟ ପ୍ରଶଂସା ସାଉଁଟି ସାରିଛନ୍ତି । ବ୍ୟଙ୍ଗ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ତାଙ୍କ ସମ୍ପାଦନା ରେ ମାସିକ ପତ୍ରିକା ' ହରିବୋଲ' ( ଓଡ଼ିଶାର ପ୍ରଥମ ହାସ୍ୟ ବ୍ୟଙ୍ଗ ସାହିତ୍ୟ ପତ୍ରିକା )ପ୍ରକାଶ ପାଉଥିଲା । ତାଙ୍କର ବ୍ୟଙ୍ଗ ଗଳ୍ପ ସଂକଳନ ର ନାଁ ହେଉଛି 'କପି ତୁ କାଁହୁ ଆଇଲୁରେ'( ୨୦୧୩ ) । ତାଙ୍କର ଗୋଟିଏ ସଫଳ ବ୍ୟଙ୍ଗ ଗଳ୍ପ ହେଉଛି - 'ପତ୍ନୀ ଚରିତ' । ଏହି ଗଳ୍ପରେ ଗାଳ୍ପିକଆଧୁନିକ ସ୍ତ୍ରୀମାନଙ୍କର ଉତ୍ପାତ ଓ ଦୌରାତ୍ମ୍ୟକୁ ତୀବ୍ର ବିଦ୍ରୁପ କରିଛନ୍ତି । ପୁରୁଷଙ୍କୁ କାଠ ପିତୁଳା ପରି ନଚାଉଥିବା ସ୍ତ୍ରୀମାନଙ୍କୁ ଗାଳ୍ପିକଙ୍କ ଶାଣିତ ବ୍ୟଙ୍ଗ ସମାଜରେ ଯେ ପରିବର୍ତ୍ତନ ଆଣିବ, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ପାରିବାରିକ ସୁଖ ଶାନ୍ତି ଓ ସମୃଦ୍ଧି ସ୍ତ୍ରୀମାନଙ୍କ ଉତ୍ପାତ ଓ ଦୌରାତ୍ମ୍ୟରେ କିଭଳି ନଷ୍ଟ ବିନିଷ୍ଟ ହୁଏ ତାହାର ଜ୍ୱଳନ୍ତ ଚିତ୍ର ଏ ଗଳ୍ପରେ ପ୍ରଦତ୍ତ ।

ଆଉଜଣେ ପ୍ରତିଭାଧର ଲେଖକ ହେଉଛନ୍ତି ପୀତବାସ ରାଉତରାୟ । ସେ ଏକାଧାରରେ ଜଣେ ବ୍ୟଙ୍ଗକାର, କଥାଶିଳ୍ପୀ, ସ୍ତମ୍ଭକାର, ସମ୍ପାଦକ, ପ୍ରକାଶକ ଓ ଜଗନ୍ନାଥ ସଂସ୍କୃତିର ଗବେଷକ ଭାବରେ ପରିଚିତ । ବ୍ୟଙ୍ଗ ସାହିତ୍ୟ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ପୁରସ୍କାର, ଉତ୍କଳ ସାହିତ୍ୟ ସମ୍ମାନ, ଫକିରମୋହନ ସମ୍ମାନ ଲାଭ କରି ପ୍ରତିଷ୍ଠିତ ହୋଇପାରିଛନ୍ତି । ତାଙ୍କର ବ୍ୟଙ୍ଗ ଗଳ୍ପ ସଂକଳନ ମଧ୍ୟରେ ରହିଛି - ପତ୍ନୀକୁ ନେଇ ଗପ ଲେଖିବି ନାହିଁ, ଶ୍ରୀମତୀ ବିଶ୍ୱସୁନ୍ଦରୀ, ଧର୍ମପତ୍ନୀଙ୍କ ଧର୍ମଘଟ । 'ଜୀଅନ୍ତା ଭୂତ' ତାଙ୍କର ଏକ ବହୁ ଚର୍ଚ୍ଚିତ ବ୍ୟଙ୍ଗ ଗଳ୍ପ । ମହାଳୟା ଓ ପିତୃପୁରୁଷଙ୍କ ଶ୍ରାଦ୍ଧକୁ ନେଇ ଗଳ୍ପର କଥାଭାଗ ଗଠିତ । ଶ୍ରଦ୍ଧାହୀନ ଭାବରେ ପିତୃପୁରୁଷଙ୍କର ଯେଉଁ ଶ୍ରାଦ୍ଧ ପାଳନ କରାଯାଉଛି , ତାହାର ତୀବ୍ର ବ୍ୟଙ୍ଗ ଓ ବିଦ୍ରୁପ କରିଛନ୍ତି ଗାଳ୍ପିକ ଏ ଗଳ୍ପରେ । ଅନ୍ତରରେ ଶ୍ରଦ୍ଧା ଭାବ ନରହିବା, ପିତୃପୁରୁଷଙ୍କ ନାମ ସ୍ମରଣ ନକରିପାରିବା ଅଥଚ ପରମ୍ପରା କୁ ଆଖିଠାର ମାରି ଶ୍ରାଦ୍ଧ ଦିବସ ପାଳନ କରିବାକୁ ଗାଳ୍ପିକ ସହଜରେ ଗ୍ରହଣ କରିପାରିନାହାନ୍ତି । ସମାଜରେ ଯେଉଁମାନେ ଏଭଳି ଶ୍ରାଦ୍ଧ ଦିବସ ପାଳନ କରନ୍ତି , ସେମାନଙ୍କୁ ଗାଳ୍ପିକଙ୍କ ଶାଣିତ ବ୍ୟଙ୍ଗ ଶରଚାଳନା ଭୀଷଣ ଆଘାତ ଦେଇଥିବ ଏହା ପ୍ରତିଟି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ ।

ଏକବିଂଶ ଶତାବ୍ଦୀର ଆଉ ଜଣେ ପ୍ରମୁଖ ବ୍ୟଙ୍ଗ ଗାଳ୍ପିକ ହେଉଛନ୍ତି ଗନ୍ତାୟତ ଶିବପ୍ରସାଦ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଅନେକ ବ୍ୟଙ୍ଗ ଲେଖା ସେ ଲେଖିଯାଇଛନ୍ତି । ତାଙ୍କ ଲେଖାରେ ଥାଏ ଦୁର୍ନୀତି ଖୋର ମଣିଷ ପ୍ରତି ତୀବ୍ର ବିଦ୍ରୁପ । କେବଳ ଦୁର୍ନୀତିଖୋର ମଣିଷ କାହିଁକି ? ଦୁର୍ନୀତି ଲିପ୍ତ ନେତା, ଅସାଧୁ ବ୍ୟବସାୟୀ, ଅଶ୍ଳୀଳ ସାହିତ୍ୟିକ ଓ ଚିତ୍ରକର, ଅତ୍ୟାଚାରୀ ପୋଲିସ ଅଫିସର, ଅସାଧୁ ଠିକାଦାର ଏ ସମସ୍ତଙ୍କର ସ୍ଖଳନକୁ ଗାଳ୍ପିକ ଗନ୍ତାୟତ ଶିବପ୍ରସାଦ ତୀବ୍ର ବ୍ୟଙ୍ଗ କରିଛନ୍ତି । ମନ୍ତ୍ରୀ ଦୁହିତାଙ୍କ ସ୍ୱୟଂବର ହେଉଛି ତାଙ୍କର ଶ୍ରେଷ୍ଠ ବ୍ୟଙ୍ଗ ଗଳ୍ପ ସଂକଳନ ।

ଏକବିଂଶ ଶତାବ୍ଦୀର ଯେଉଁମାନେ ଚର୍ଚ୍ଚିତ ଓ ପ୍ରସିଦ୍ଧ ଓଡ଼ିଆ ବ୍ୟଙ୍ଗ ଲେଖକ, ସେମାନେ ହେଲେ ଶ୍ରୀମାନ ସର୍ବଗିଳା (ରତ୍ନାକର ବେହେରା) ଶ୍ରୀଯୁକ୍ତ ସତ୍ୟାନାଶ (ପ୍ରଭାକର ନାୟକ), ଡ଼. କୁଳାଙ୍ଗାର (ପ୍ରିତିକାନ୍ତ ପଣ୍ଡା), ଡକ୍ଟର ଧର୍ମଛଡା (ବିଭୁ ପ୍ରସାଦ ନାୟକ) । ଏମାନେ

ହେଲେ ତଥାକଥିତ ବ୍ୟଙ୍ଗ ଲେଖକ । ଏକାଧାରରେ ଅନେକ ବ୍ୟଙ୍ଗ ଗଳ୍ପ, ବ୍ୟଙ୍ଗ କବିତା, ବ୍ୟଙ୍ଗ ନାଟକ, ରଚନା କରି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ହସାଇବା ହେଉଛି ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। କେଉଁଠି ଶାସନ କଳର ଓ ନେତା ଅଫିସ୍ରର ଅନୀତି ଅନାଚାରକୁ ଭୟକରି ଲେଖକ ଲେଖନୀ ଚାଳନାରୁ ନିବୃତ ରୁହେ, ସେଠାରେ ବ୍ୟଙ୍ଗ ଗାଳ୍ପିକ ମାନେ ଚୁପ୍ ନ ବସି ହୋଇ ଉଠନ୍ତି ଚଳଚଞ୍ଚଳ । ବିଭିନ୍ନ ସାମାଜିକ ଗଣମାଧ୍ୟମ ଯଥା -- ଫେସ୍ ବୁକ୍, ପ୍ରତିଲିପି, ବିଭିନ୍ନ ୱେବ୍ ଚ୍ୟାନେଲର ଇ-ପତ୍ରିକାରେ ତରୁଣ ପିଢ଼ିର ଲେଖକ ଲେଖିକାଙ୍କ ବ୍ୟଙ୍ଗ ଗଳ୍ପ ପ୍ରକାଶିତ ହେଉଛି, କିନ୍ତୁ ତାହାର ସଂଖ୍ୟା ବହୁ ସ୍ୱଳ୍ପ । ତଥାପି ବ୍ୟଙ୍ଗ ସାହିତ୍ୟକୁ ସମୃଦ୍ଧି ପଥରେ ନେବା ଓ ସମାଜର ସୁଧାର ଆଣିବାରେ ଏମାନଙ୍କର ପ୍ରୟାସ ପ୍ରଶଂସନୀୟ ।

**ସହାୟକ ଗ୍ରନ୍ଥସୂଚୀ**

**ସାମଲ, ଡକ୍ଟର ବୈଷ୍ଣବ ଚରଣ , ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା । ତୃତୀୟ ସଂସ୍କରଣ, ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ, କଟକ-୦୦୨, ୨୦୨୦ ।**

**ରାଉତ, ଡକ୍ଟର କୁଳମଣି, ଓଡ଼ିଆ ସାହିତ୍ୟରେ ହାସ୍ୟରସ । ପ୍ରଥମ ସଂସ୍କରଣ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୦୧୪,୧୯୮୨ ।**

**ସାମନ୍ତରାୟ, ମଞ୍ଜୁବାଳା, ଓଡ଼ିଆ ସାହିତ୍ୟରେ ହାସ୍ୟରସ । ପ୍ରଥମ ସଂସ୍କରଣ, ଉତ୍କଳ ସାହିତ୍ୟ ସମାଜ, ଶ୍ରୀରାମଚନ୍ଦ୍ର ଭବନ, କଟକ-୯,୧୯୮୭ ।**

**ଦାସ ,ଡକ୍ଟର ଦୁର୍ଯ୍ୟୋଧନ, ଦାସ, ଡକ୍ଟର ସାବିତ୍ରୀ, ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ। ପ୍ରଥମ ପ୍ରକାଶ, ସ୍ୟମନ୍ତକ ପ୍ରକାଶିନୀ, କଲେଜ ଛକ, ଭଦ୍ରକ, ୧୯୯୨ ।**

**ମହାପାତ୍ର, ପତିତପାବନ, ଅକର୍ମା ଗେରସ୍ତ ଓ ମତ୍ସ୍ୟ ଉପାଖ୍ୟାନ । ପ୍ରଥମ ମୁଦ୍ରଣ, ଅଗ୍ନି,୬୮ ,ଖାରବେଳ ନଗର, ଭୁବନେଶ୍ୱର, ୨୦୦୩ ।**

**ମହାପାତ୍ର, ଭୁପେନ, ଚନ୍ଦ୍ରସେଣାର ଚନ୍ଦ୍ରାଲୋକ । ପ୍ରଥମ ପ୍ରକାଶ, ସ୍ୱସ୍ତି ପ୍ରକାଶିନୀ, ରାଉରକେଲା-୦୧୫,,୨୦୦୦ ।**

**ମହାପାତ୍ର, ଭୁପେନ, ଚର୍ଚ୍ଚିତ ବ୍ୟଙ୍ଗ । ପ୍ରଥମ ପ୍ରକାଶ, ପବ୍ଲିଶିଂ ହାଉସ, ଏନ- ୬/୪୨୮, ଆଇ. ଆର. ସି . ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୧୫ । ୨୦୧୪ ।**

**ରଥ, ଭିକାରୀ, ମନ୍ତ୍ରୀଙ୍କ ମୂଳା, ଓଡ଼ିଆ ବିଭବ**